
ପାଠ - ୪

# ଆସ ଆମେ ଖେଳିବା






ଆସ, ଏହି ଗାର ଉପରେ ଧାଡ଼ି ହୋଇ ଠିଆ ହେବା ।

ଜଣକ ପରେ ଜଣେ ଥରକେ ୯ଟି ଲେଖାଏଁ କାଚବାଟି ଗୋଲେଇ ଭିତରକୁ ପକାଇବା ।

ଭିତର (୧ମ) ଗୋଲେଇରେ ପଡ଼ିଥିବା ପ୍ରତ୍ୟେକ କାଚବାଟିର ମୂଲ୍ୟ ହେଉଛି ୧୦୦ ।

ତାକୁ ଲାଗିଥିବା ଦ୍ୱିତୀୟ ଗୋଲେଇରେ ପଡ଼ିଥିବା ପ୍ରତ୍ୟେକ କାଚବାଟିର ମୂଲ୍ୟ ହେଉଛି ୧୦ ।

ବାହାରକୁ ଥିବା ତୃତୀୟ ଗୋଲେଇରେ ରହିଥିବା ପ୍ରତ୍ୟେକ କାଚବାଟିର ମୂଲ୍ୟ ହେଉଛି ୧ ।

ପ୍ରଥମେ ରିମା ୯ଟି ବାଟି ଧରି ଗଡ଼େଇଲା ।

ଚିତ୍ର ଦେଖି କହ, କେଉଁ ଗୋଲେଇରେ କେତୋଟି ଲେଖାଏଁ କାଚବାଟି ରହିଲା ?

| | | |
|---|---|---|
| ୧ମ ଗୋଲେଇ |  | ୩ଟି ବାଟି = ୩ ଶହ = ୩୦୦ |
| ୨ୟ ଗୋଲେଇ |  | ୧ଟି ବାଟି = ୧ ଦଶ = ୧୦ |
| ୩ୟ ଗୋଲେଇ |  | ୪ଟି ବାଟି = ୪ ଏକ = ୪ |

୩ ଶହ + ୧ ଦଶ + ୪ ଏକ = ୩୦୦ + ୧୦ + ୪ = ୩୧୪

ତୁମେ ସେହିପରି ଖେଳ ଏବଂ ପ୍ରତ୍ୟେକ ପିଲା ବାଟି ଗଡ଼ାଇବା ପରେ କେଉଁ ସଂଖ୍ୟା ପାଇଲ, ତଳ ସାରଣୀରେ ଲେଖ ।

| ନାମ | ୧ମ ଗୋଲେଇ | ୨ୟ ଗୋଲେଇ | ୩ୟ ଗୋଲେଇ | ସଂଖ୍ୟା |
|---|---|---|---|---|
| ରିମା | ୩ | ୧ | ୪ | ୩୧୪ |
| | | | | |

● ଗୁଣ୍ଡୁଚି ଓ ମୂଷା ସେଓଗୁଡ଼ିକୁ ଗଣୁଥିଲା । ସେ କିପରି ଗଣୁଥିଲା ଲକ୍ଷ୍ୟ କର ।




ଚୁଟିଆ ମୂଷା ଗୋଟିଏ ସେଓ ପାଇଁ - △୧ ଚିତ୍ରକାର୍ଡ଼ ରଖିଲା ।

ସେହିପରି ୨ସେଓ ପାଇଁ △୧ △୧ ଚିତ୍ରକାର୍ଡ଼ ବ୍ୟବହାର ହେବ ।

୧୦ଟି ସେଓ ହେବାରୁ, ପ୍ରତି ୧୦ ସେଓ ପାଇଁ [୧୦] ଚିତ୍ରକାର୍ଡ଼ ରଖିଲା।

୧୦ଟି ସେଓ = [୧୦]

୨୦ଟି ସେଓ = [୧୦] [୧୦]



୬୦ଟି ସେଓ ଓ ୯୦ଟି ସେଓକୁ ଚିତ୍ରକାର୍ଡ଼ରେ କିପରି ପ୍ରକାଶ କରାଯିବ ଦେଖାଅ ।


[୧୦] [୧୦] [୧୦] [୧୦] [୧୦] [୧୦] [୧୦] [୧୦] [୧୦] [୧୦] = (୧୦୦)

ଚୁଟିଆ ମୂଷା ୧୦୦ଟି ସେଓ ପାଇଁ (୧୦୦) ଚିତ୍ରକାର୍ଡ଼ ବ୍ୟବହାର କରୁଥିଲା ।

ଏବେ କହ, ଗୁଣ୍ଡୁଚିମୂଷା ରଖିଥିବା ସେଓକୁ ଚୁଟିଆ ମୂଷା କେମିତି ଚିତ୍ରକାର୍ଡ଼ ଦ୍ୱାରା ଲେଖିବ ।

● ପ୍ରତି ଝୁଡ଼ିରେ ଥିବା ଆମ୍ବକୁ ସଂଖ୍ୟାକାର୍ଡ଼ ଦ୍ୱାରା ସୂଚାଇ ସେହି କାର୍ଡ଼କୁ ଝୁଡ଼ିରେ ଝୁଲାଇ ଦିଆଯାଇଛି ।

କେଉଁ ଝୁଡ଼ିରେ କେତୋଟି ଆମ୍ବ ଅଛି ଲେଖ ।



# ଅଭ୍ୟାସ

୧. ତଳ ଘରଗୁଡ଼ିକୁ ପୂରଣ କର ।

| | | | | | | |
|---|---|---|---|---|---|---|
| ୯୦୨ = | | ଶହ + | | ଦଶ + | | ଏକ |
| ୫୭୨ = | | ଶହ + | | ଦଶ + | | ଏକ |
| ୬୧୦ = | | ଶହ + | | ଦଶ + | | ଏକ |
| ୮୯ = | | ଶହ + | | ଦଶ + | | ଏକ |
| ୮୮୮ = | | ଶହ + | | ଦଶ + | | ଏକ |
| ୩୨୭ = | | ଶହ + | | ଦଶ + | | ଏକ |

୨. ଲକ୍ଷ୍ୟ କର -


୬୨୫ = ୬ ଶହ + ୨ ଦଶ + ୫ ଏକ


= ୬୦୦ + ୨୦ + ୫


ଆସ, ତଳେ ଥିବା ଖାଲି ଘରଗୁଡ଼ିକ ପୂରଣ କରିବା ।


| | | | | | | |
|---|---|---|---|---|---|---|
| ୩୭୬ = | ୩୦୦ | + | ୭୦ | + | ୬ |
| ୪୨୭ = | | + | ୨୦ | + | |
| ୬୦୩ = | ୬୦୦ | + | | + | |
| ୫୨୦ = | | + | ୨୦ | + | |
| ୩୭୭ = | ୩୦୦ | + | | + | ୭ |
| ୩୦୦ = | | + | | + | |

୩. ଖାଲି ସ୍ଥାନରେ ସଂଖ୍ୟା ଲେଖ । ଯେପରି -











୪. ତଳେ ସଂଖ୍ୟା ଲେଖା ଯାଇଛି । କେଉଁ ଘରେ କେତୋଟି ଗୋଲି ରହିବ ଚିତ୍ରକରି ଦେଖାଅ ।

ଯେପରି –




**୫. ଉତ୍ତର ଲେଖ ।**

୩୧୪ରେ ୧ର ସ୍ଥାନୀୟମାନ = ୧୦

୨୩୫ରେ ୫ର ସ୍ଥାନୀୟମାନ = ☐

୭୪୪ରେ ୭ର ସ୍ଥାନୀୟମାନ = ☐

୨୧୦ରେ ୨ର ସ୍ଥାନୀୟମାନ = ☐

୭୦୪ରେ ୦ର ସ୍ଥାନୀୟମାନ = ☐

୮୪୮ରେ ୪ର ସ୍ଥାନୀୟମାନ = ☐